ଅସେମ୍ବ୍ଲି କଂଗ୍ରେସ ନେତାଙ୍କ ଘୋଷଣା

ଜଏଣ୍ଟ କମିଟି ରିପୋର୍ଟ କାର୍ଯ୍ୟତଃ ଅଗ୍ରାହ୍ୟ ହେଲା

ସରକାରୀ ଲୋକେ ଭୋଟ ଦେବାରୁ ସାଂପ୍ରଦାୟିକ ଭାଗବଣ୍ଟା

ଶାସନ ବିଷୟକ ପ୍ରସ୍ତାବ କାଏମ ହେଲା, ନଚେତ୍ କଟ ହୋଇ ନଥାନ୍ତା

ଦିଲ୍ଲୀ, ତା ୮।୨।୩୫

ଅସେମ୍ବ୍ଲିରେ କଂଗ୍ରେସ ଦଳର ନେତା ଶ୍ରୀଯୁକ୍ତ ଭୁଲାଭାଇ ଦେଶାଇ ଜଏଣ୍ଟ କମିଟି ରିପୋର୍ଟ ବିଷୟରେ ଅସେମ୍ବ୍ଲି ଆଲୋଚନା ଓ ଭୋଟ ସମ୍ବନ୍ଧରେ ନିମ୍ନଲିଖିତ ଇସ୍ତାହାର ପ୍ରକାଶ କରଅଛନ୍ତି —

"ଶେଷ ମୁହୂର୍ତ୍ତରେ ସରକାର ପକ୍ଷ ଯାହା ସ୍ଥିର କଲେ ସେଥିରେ କେବଳ ଜଏଣ୍ଟ କମିଟି ରିପୋର୍ଟ ଆଲୋଚନାରେ ଯେ ସେମାନେ ମୁଣ୍ଡ ପଶେଇ ଯୋଗଦେଲେ ତାହା ନୁହେଁ, ତାଙ୍କର ୨୬ଟି ଯାକ ଭୋଟ ଯେଉଁ ଅଡ଼କୁ ଦେଲେ ତାଙ୍କ ମତଲବ ସଫଳ ହେବ ସେପଟେ ଭୋଟ ଦେବାର ମଧ୍ୟ ମନସ୍ଥ କରିଲେ । ସରକାର ପକ୍ଷର ୧୩ ଜଣ ମନୋନୀତ ବେସରକାରୀ ମେମ୍ବର ଓ ୮ଜଣ ବେସରକାରୀ ସାହେବ ମେମ୍ବର ମଧ୍ୟ ଗୋଟିଏ ଗୋଷ୍ଠୀ ବାନ୍ଧିଲେ । ଏଭଳି ବ୍ୟୂହ ସୃଷ୍ଟି ସତ୍ତ୍ୱେ, କଂଗ୍ରେସଦଳ ତାଙ୍କର ନିଜର ପ୍ରସ୍ତାବକୁ ପେଶକରି ସେ ବିଷୟରେ ସଫା ଭୋଟ ନିଆଯାଉ ବୋଲି ଦାବୀ କଲେ । କଂଗ୍ରେସ ପ୍ରସ୍ତାବ ବିଷୟରେ ଯେତେବେଳେ ଭୋଟ ନିଆଗଲା ସେତେବେଳେ କଂଗ୍ରେସ ପକ୍ଷରେ କେବଳ ଭୋଟରେ ନିର୍ବାଚିତ ହୋଇଥିବା ୬୦ ଜଣ ମେମ୍ବର କଂଗ୍ରେସ ସପକ୍ଷରେ ଭୋଟ ଦେଲେ । ଏକଲ ମେମ୍ବର ମୋଟେ ୨୨ ଜଣ ସରକାର ପକ୍ଷରେ ଭୋଟ ଦେଇଥିଲେ । ସୁତରାଂ ଭାରତର ଲୋକମତ ଯଦି ଭାରତୀୟ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ବୁଝିବାର କଥା ତେବେ ଦେଖାଗଲା, ସେ ଅଧିକାଂଶ ଭାରତୀୟ ଲୋକେ କଂଗ୍ରେସ ପ୍ରସ୍ତାବକୁ ମଞ୍ଜୁର କଲେ । ଅସେମ୍ବ୍ଲି କାଗଜ ପତ୍ରରେ କଂଗ୍ରେସର ଜୟ ହୋଇ ପାରିଲା ନାହିଁ ସତ କିନ୍ତୁ କଂଗ୍ରେସର ଏ ଜୟ ଯେ ନୈତିକ ଜୟ ଏକଥା ନିଶ୍ଚୟ । ଏଭଳି ଉଦାହରଣରୁ ସ୍ପଷ୍ଟ ହେଉଛି ମଧ୍ୟ ସରକାର ଲୋ ଅସେମ୍ବ୍ଲି କାଗଜ-ପତ୍ରରେ ଭୋଟଦ୍ୱାରା ଜୟଯୁକ୍ତ ହୋଇ ପାରିଲେ ତାହା ମଧ୍ୟ ନୁହେଁ । ଅମେ କଂଗ୍ରେସ ଦଳ ଦେଖିଲୁ ଯେ ମିଷ୍ଟର ଜିନାଙ୍କ ସ୍ୱାଧୀନ ଦଳର ପ୍ରସ୍ତାବର ୨ୟ ଓ ୩ୟ ଭାଗ ଏକପ୍ରକାର ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ଖସଡ଼ାକୁ ଅଗ୍ରାହ୍ୟ କରୁଛି । ତେଣୁ ପ୍ରଥମ ଭାଗ ଭୋଟ ହୋଇଗଲା ପରେ ଅମେ ଅଲଗା ନ ରହି ଧାରାୱାରୀ ଭୋଟ ଦେଲୁ ଜିନାଙ୍କ ସ୍ୱାଧୀନ ଦଳ ସଙ୍ଗେ ମିଶିଲୁ ଏବଂ ତାହା ଫଳରେ ସରକାରଙ୍କୁ ଅଚ୍ଛା ପରାସ୍ତ କରିଦେଲୁ । ସରକାର ପକ୍ଷରେ ମୋଟେ ୫୮ ଓ ଅମ ପକ୍ଷରେ ୭୪ ଭୋଟ ହେଲା । ସରକାର ପକ୍ଷରେ ଯେ ୫୮ ଜଣ ଭୋଟ ଦେଲେ ସେମାନଙ୍କ ଭିତରେ ମୋଟେ ୧୩ ଜଣ ଭୋଟପ୍ରାପ୍ତ ପ୍ରତିନିଧି ମେମ୍ବର ଥିଲେ ।

"ବର୍ତ୍ତମାନ ଫଳରେ ଦେଖାଗଲା ଯେ ଜଏଣ୍ଟ କମିଟି ରିପୋର୍ଟକୁ ମୂଳଦୁଆ କରି ଭାରତ ଶାସନ ଆଇନ ଗଠିବା ବିରୁଦ୍ଧରେ ଭାରତ ଜନମତ ଖୁବ ଅଧିକ ସଂଖ୍ୟାରେ ରହିଛି ବୋଲି ପ୍ରକାଶ ପାଇଲା । ସରକାର ବହୁତ ଉଦ୍ୟମ କଲେ ଯେ ନାମ ମାତ୍ର ତାଙ୍କର କପଟ ଗୋଟିଏ ଜୟ ହୋଇପାଉ । ପ୍ରାଦେଶିକ ବ୍ୟବସ୍ଥା ସମ୍ପର୍କରେ ଏ ବିଷୟରେ ଆଲୋଚନା ହେଲାବେଳେ ସରକାରପକ୍ଷ ଭୋଟ ଦେଇ ନଥିଲେ । ରିପୋର୍ଟ ବିଷୟରେ ସରକାର ପକ୍ଷର ମତ କେହି ପଚାରି ନଥିଲା ବା ଦରକାର ମଧ୍ୟ ନଥିଲା, ତଥାପି ନିଜର ମାନକୁ ଜଳାଞ୍ଜଳି ଦେଇ ସେମାନେ ଏ ଭୋଟରେ ମୁଣ୍ଡ ପୂରାଇଲେ ସୁଦ୍ଧା ନାମମାତ୍ର ଜୟ ଲାଭ କରିପାରିଲେ ନାହିଁ ।

"ସାମ୍ପ୍ରଦାୟିକ ଭାଗବଣ୍ଟା ସେହି ବିଷୟରେ କଂଗ୍ରେସ ନିରପେକ୍ଷ ରହିବ ବୋଲି ମୂଳରୁ ମତ ଦେଇଥିଲେ । ସେହି ମର୍ମରେ ମଧ୍ୟ ସଂଶୋଧନ ପ୍ରସ୍ତାବ ଆଗତ କଲେ । ମାତ୍ର ସେ ପ୍ରସ୍ତାବ ଯେ ମଞ୍ଜୁର ହୁଅନ୍ତା ନାହିଁ ଏ କଥା ଜଣାଥିଲା । ଶାସନ ମଧ୍ୟରେ ସରକାରୀ ଭୋଟ ଓ ହିନ୍ଦୁ ମୁସଲମାନ ଦଳର ଅଲ୍ପସଂଖ୍ୟକମାନଙ୍କ ଭୋଟରେ ପରାସ୍ତ ହୋଇଗଲା । କଂଗ୍ରେସର ନିରପେକ୍ଷ ପ୍ରସ୍ତାବ ଯେତେବେଳେ ନାମଞ୍ଜୁର ହୋଇଗଲା ସେତେବେଳେ କଂଗ୍ରେସ ଏ ବିଷୟରେ ଆଉ ଭୋଟ ନ ଦେଇ ନିରପେକ୍ଷ ରହିଗଲେ ।"

— —

ପାର୍ଲାମେଣ୍ଟ ପାଖା ସବୁ
ଦେଶ ପ୍ରସ୍ତାବିତ ଶାସନ ସଂସ୍କାର ଲୋଡ଼େ ନାହିଁ

ଦିଲ୍ଲୀ, ତା ୮।୨।୩୫

ଜଏଣ୍ଟ କମିଟି ରିପୋର୍ଟର ଆଲୋଚନା ଅସେମ୍ବ୍ଲିରେ ହୋଇସିବା ପରେ ସେଥିର ଫଳ ବିଷୟରେ ସାମ୍ବାଦିକ ଯାଇ ଅସେମ୍ବ୍ଲି କଂଗ୍ରେସଦଳର ସେକ୍ରେଟେରୀ ଶ୍ରୀଯୁକ୍ତ ସତ୍ୟମୂର୍ତ୍ତିଙ୍କ ସଙ୍ଗେ ଦେଖାକରି ତାଙ୍କର ମତ ପଚାରିବାରୁ ସେ କହିଲେ —

"କଂଗ୍ରେସ ପକ୍ଷରୁ ଏ ପ୍ରସ୍ତାବିତ ଶାସନ ଖସଡ଼ାକୁ ଅଗ୍ରାହ୍ୟ କରିବା ଲାଗି ଯେ ସଂଶୋଧନ ପ୍ରସ୍ତାବ ଆଣାଯାଇଥିଲା ଭୋଟ ନିଆଯିବାରେ ଦେଖାଯାଇଛି ଯେ ସେଥିରେ ନିର୍ବାଚିତ ମେମ୍ବରଙ୍କ ଭିତରୁ ଅଧିକସଂଖ୍ୟକ ମେମ୍ବର ସପକ୍ଷରେ ଭୋଟ ଦେଇଛନ୍ତି । ଆଉ ମିଷ୍ଟର ଜିନାଙ୍କ ପ୍ରସ୍ତାବ ସମ୍ପର୍କରେ ମଧ୍ୟ ଆମ୍ଭମାନଙ୍କର ବେଶ ଜିତ ହୋଇଛି । ୭୪ ସପକ୍ଷରେ ଏବଂ ୫୮ ବିପକ୍ଷରେ ଭୋଟ ଦେଇଛନ୍ତି । ଅଇନ ମେମ୍ବର, ସରକାରୀ ମେମ୍ବର ଏବଂ ଅସେମ୍ବ୍ଲିର ସାହେବ ଦଳର ନେତାଙ୍କ କଥାରେ କହିଲେ ଏ ପ୍ରସ୍ତାବରେ ଏ ଖସଡ଼ାକୁ ଅଂଶିକ ଅଗ୍ରାହ୍ୟ କରିବା ପାଇଁ ପ୍ରସ୍ତାବ ହୋଇଛି । ଯେଉଁ ୫୮ ଜଣ ଏ ପ୍ରସ୍ତାବ ବିପକ୍ଷରେ ଭୋଟ ଦେଇଛନ୍ତି ସେମାନଙ୍କ ଭିତରେ ମୋଟେ ୧୦ ଜଣ ନିର୍ବାଚିତ ମେମ୍ବର ଅଛନ୍ତି । ତେଣୁ ଅସେମ୍ବ୍ଲିର ମତ କଣ ତାହା ବେଶ ପରିଷ୍କାର ଜଣାପଡ଼ିଯାଉଛି । ବର୍ତ୍ତମାନ ଦେଶର ମତାମତ ଜାଣି ସୁଦ୍ଧା ଯଦି ପାର୍ଲାମେଣ୍ଟ ଏ ଖସଡ଼ାକୁ ପାସ କରେ ତେବେ ପାର୍ଲାମେଣ୍ଟ ନୈତିକ ତାହା ତାର ନିଜ ଦାୟିତ୍ୱରେ କରିବ ।"

— —

ପାର୍ଲାମେଣ୍ଟରେ ମହିଳାଙ୍କ ସ୍ଥାନ
୧୭ଜଣ ମହିଳା ଏଥର ନିର୍ବାଚିତ ହେଲେ

ଇଷ୍ଟାନବୁଲ, ତା ୮।୨।୩୫

ତୁର୍କିସ୍ଥାନ ପାର୍ଲାମେଣ୍ଟ ନିର୍ବାଚନ ହୋଇଗଲା । ଏଥର ନିର୍ବାଚନରେ ୨୦ଜଣ ମହିଳା ମେମ୍ବର ହେବାପାଇଁ ପ୍ରାର୍ଥୀ ଥିଲେ । ସେମାନଙ୍କ ଭିତରୁ ୧୭ଜଣ ନିର୍ବାଚିତ ହୋଇଛନ୍ତି ।

ଏ ପାର୍ଲାମେଣ୍ଟରେ ୪ଶହ ମେମ୍ବର । ୧୫ଜଣ ସ୍ୱାଧୀନ ମେମ୍ବରଙ୍କ ଛଡ଼ା ବାକି ସମସ୍ତେ କେମାଲପାଶାଙ୍କ ଦଳର ଲୋକ । ତୁର୍କୀରେ କେମାଲପାଶାଙ୍କ ଦଳକୁ ଛାଡ଼ି ଅଉ ଅନ୍ୟ ଦଳ କାହାରି ନାହିଁ ।

— —

ବ୍ରହ୍ମଦେଶରେ ପ୍ଲେଗ ମାଡ଼ିଲା
୭ଦିନ ଭିତରେ ୧୧୧ ମଲେଣି

ରେଙ୍ଗୁନ, ତା ୫।୨।୩୫

ବ୍ରହ୍ମଦେଶରେ ବର୍ତ୍ତମାନ ପ୍ଲେଗ ବେମାରି ବଡ଼ ଭୟଙ୍କର ହୋଇ ଉଠିଛି । ଫେବୃଆରୀ ୨ତାରିଖ ସୁଦ୍ଧା ୭ଦିନ ଭିତରେ ପ୍ଲେଗ ୧୩୧ ଜଣଙ୍କୁ ଧରିଥିଲା । ୧୧୧ଜଣ ମରିଛନ୍ତି । କେବଳ ରେଙ୍ଗୁନ ସହରରେ ଏ ସପ୍ତାହ ଭିତରେ ନଅ ହୋଇ ୮ଜଣଙ୍କୁ ଏ ବେମାରି ଧରିଲା ଏବଂ ନୂଆ ପୁରୁଣା ମିଶି ୧୦ଜଣ ମରିଗଲେ । ମଙ୍ଗମିଆଁ ଅଞ୍ଚଳରେ ଏହି ୭ଦିନ ଭିତରେ ୩୮ଜଣଙ୍କ ପ୍ଲେଗ ଧରିଲା ଏବଂ ୩୨ ଜଣ ମରିଗଲେ ।

ବସନ୍ତର ପ୍ରାଦୁର୍ଭାବ ମଧ୍ୟ କମ ନୁହେଁ । ୮୭ ଜଣଙ୍କୁ ବସନ୍ତ ହୋଇ ୭ଦିନ ଭିତରେ ୧୦ ଜଣ ମରିଛନ୍ତି ।

— —

ଜାପାନର ରଣସଜ୍ଜା

ନୌ ବିଭାଗ ମନ୍ତ୍ରୀଙ୍କ ଘୋଷଣା

ଟୋକିଓ ୮।୨।୩୫

ଜାପାନ ପାର୍ଲାମେଣ୍ଟରେ ନୌବିଭାଗ ମନ୍ତ୍ରୀ ଅଡମିରାଲ ଓସମି ଘୋଷଣା କରିଛନ୍ତି — ନୌ ସମ୍ମିଳନୀ ବିଷୟରେ ଯେ କଥାବାର୍ତ୍ତା ଚାଲିଛି ସେ ଯଦି ବିଫଳ ହୁଏ ତେବେ ଜାପାନ ତାର ସାମ୍ରାଜ୍ୟ ରକ୍ଷା ଲାଗି ବଡ଼ ଶ୍ରେଣୀର ଯୁଦ୍ଧ ଜାହାଜ ଗଢ଼ିବାରେ ଯଥେଷ୍ଟ ପରିବର୍ତ୍ତନ କରିବେ । କେତେକ ପ୍ରକାର ଯୁଦ୍ଧ ଜାହାଜ ଜାପାନ ଇଂଲଣ୍ଡ ଅପେକ୍ଷା ଅଧିକ ସଂଖ୍ୟାରେ ଗଢ଼ିବ । ଆଉ କେତେକ ପ୍ରକାର ଜାହାଜର ସଂଖ୍ୟା କମ କରିଦେବ ।

ସେ ପୁଣି କହିଛନ୍ତି — ଯୁଦ୍ଧ ବନ୍ଦରର ବଡ଼ ବଡ଼ ଜଳ ଜାହାଜ ଓ ଉଡ଼ା ଜାହାଜକୁ ଅଧୁନିକ ଅସ୍ତ୍ରରେ ସଜ୍ଜିତ କରିବା ପାଇଁ ଯେ କାମ ଚାଲିଛି ତାହା ୧୯୩୭ ସାଲ ବେଳକୁ ସରିଯିବ । ଏଣିକି ଜାପାନ ତାର ପୁରୁଣା ଜାହାଜମାନଙ୍କର ସ୍ଥାନ ପୂରଣ କରିବା ପାଇଁ ପ୍ରତିବର୍ଷ ୪ହଜାର ଟନ ନୂଆ ଯୁଦ୍ଧ ଜାହାଜ ତିଆରି କରିବାରେ ଲାଗିଯିବ ।

ଦୁର୍ବୋଧ୍ୟ ପ୍ରଶାନ୍ତ ମହାସାଗରରେ ଇଂରେଜମାନଙ୍କ ସିଙ୍ଗାପୁର ନୌ ବାହିନୀ ଏବଂ ହୋର୍ଓଆଇ ସୈନ୍ୟ ବାହିନୀକୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରିବା ଫଳରେ ଜାପାନ ମଧ୍ୟ ଦାବୀ କରିବ ବୋଲି ଏ ମନ୍ତ୍ରୀ ତାଙ୍କ ପାର୍ଲାମେଣ୍ଟରେ ଘୋଷଣା କରିଛନ୍ତି ।

— —

ଡକାଇତ ଦଳରେ ନାରୀ ସର୍ଦ୍ଦାର
ପୋଲିସ ଖୋଜି ଖୋଜି ଥକ

ଲକ୍ଷ୍ନୌ, ୭।୨।୩୫

କେତେବର୍ଷ ତଳେ ଲଛମୀ ନାମରେ ଜଣେ ନାରୀ ଡକେଇତ ଧରାପଡ଼ି ଜାମିନରେ ଖଲାସ ହେଲେ ଖୁଅଡ଼େ ଫେରାର ହୋଇ ଯାଇଛି । ଲକ୍ଷ୍ନୌ ପୁଲିସ ତାକୁ ଖୋଜି ଖୋଜି ଥକ ହେଲେଣି । ଲକ୍ଷ୍ନୌ ଜିଲ୍ଲାର କାକୋରୀ ଗାଁରେ ସେ ତାହାର ମହଲ ଥିବାର ଖବର ପ୍ରକାଶ ପାଇଥିଲା । ଏବେ ପୁଣି ସେହି ସ୍ତ୍ରୀଲୋକ ଗୋଟିଏ ଡକାଇତ ଦଳରେ ସର୍ଦ୍ଦାର ହୋଇ ଯାଇ ହରଦୋଇ ଜିଲ୍ଲାରେ ଡକାଇତି କରି ଧନ ଲୁଟିଲା ବୋଲି ଖବର ମିଳିଛି । ଏଥର ମଧ୍ୟ ପୁଲିସ ପାଖରୁ ଖସି ବୁଲୁଅଛି । ଲକ୍ଷ୍ନୌ ଏବଂ ହରଦୋଇ ଦୁଇ ଜିଲ୍ଲାର ପୁଲିସ ତା ପଛେ ପଛେ ଲାଗି ତାକୁ ଧରିବାକୁ ଚାହାନ୍ତି । ଗୋଟିଏ ସ୍ତ୍ରୀଲୋକର ଏଭଳି ସାହସ ଦେଖି ଓ ଶୁଣି ସମସ୍ତେ ଅବାକ୍ ହୋଇ ଯାଉଛନ୍ତି ।

— —

କଂଗ୍ରେସ ସଭାପତି ରାଜେନ୍ଦ୍ରପ୍ରସାଦ
ଦିଲ୍ଲୀ ଯାଇ ଜିନାଙ୍କ ସଙ୍ଗେ ପରାମର୍ଶ କରିବେ

ପାଟଣା, ତା ୫।୨।୩୫

କଂଗ୍ରେସ ସଭାପତି ଶ୍ରୀଯୁକ୍ତ ରାଜେନ୍ଦ୍ରପ୍ରସାଦ ଏଲାହାବାଦରୁ ଫେରି ଆଜ ସକାଳେ ଆସି ପାଟଣାରେ ପହଞ୍ଚି ରହିଲେ । ତାଙ୍କ ନିଜ ଗାଁ ଛପରାକୁ ଯାଉଛନ୍ତି । ସେ ସୋମବାର ଦିନ ଦିଲ୍ଲୀ ଯିବେ ବୋଲି ଶୁଣାଯାଉଛି । ଏଥର ଦିଲ୍ଲୀରେ ସେ ପୁଣି ମିଷ୍ଟର ଜିନାଙ୍କ ସଙ୍ଗେ ଭଣ ପରାମର୍ଶ ଚଳାଇବେ ବୋଲି ପ୍ରକାଶ ।

— —

କଂଗ୍ରେସ ସଭାପତିଙ୍କ ସମ୍ବର୍ଦ୍ଧନା
ଆମେରିକାବାସୀ ଅଭିନନ୍ଦନ ଦେଲେ

ଏଲାହାବାଦ, ତା ୭।୨।୩୫

ନାଇନିଠାରେ ଆମେରିକାର ଲୋକେ ଗୋଟିଏ କୃଷି ଅନୁଷ୍ଠାନ ଚଳାଉଛନ୍ତି । ସେମାନେ ବୁଧବାର ଦିନରେ ବାଟ ବଡ଼ରେ ଉତ୍ସାହିତ କରୁଛନ୍ତି । ଏହି ଅନୁଷ୍ଠାନ ପକ୍ଷରୁ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ରାଜେନ୍ଦ୍ରପ୍ରସାଦଙ୍କୁ ଏକ ଅଭିନନ୍ଦନ ଦିଆଯାଇ ଥିଲା । ରାଜେନ୍ଦ୍ରବାବୁ ସେମାନଙ୍କର କାର୍ଯ୍ୟର ଖୁବ୍ ପ୍ରଶଂସା କରି ଅଧିକ ଉତ୍ସାହର ସହିତ ଗ୍ରାମଲୋକଙ୍କର ଉନ୍ନତି ଦିଗରେ ଲାଗିବାକୁ ପରାମର୍ଶ ଦେଇଛନ୍ତି ।

— —

ନୂଆ ଆଇନରେ ଔପନିବେଶିକ ସ୍ୱାଧୀନତା ପାଇଁ ବାଟ ରହିବ ନାହିଁ

ପାର୍ଲାମେଣ୍ଟରେ ମେଜର ଆଟ୍ଲିଙ୍କ ଘୋଷଣା

ସାର ହୋର କହିଲେ — ଆଇନର ଭାଷାରେ ବିଚଳିତ ହୁଅନାହିଁ

ଆମ ମନଭାବ ବୁଝ

ଲଣ୍ଡନ, ତା ୮।୨।୩୫

ଭାରତମନ୍ତ୍ରୀ ସାର ହୋର ଭାରତ ଶାସନ ଆଇନ ପେଶ କଲାବେଳେ କହିଲେ — ଅମ ସରକାର ଯେ ମତଲବରେ ଏ ବିଲ ପେଶ କରୁଛନ୍ତି ଜଏଣ୍ଟ କମିଟିର ସେହି ମତଲବ ଥିଲା । ଏ ପାର୍ଲାମେଣ୍ଟର ମଧ୍ୟ ତାହାହିଁ ମତଲବ । ଯଦି ସରକାରର ମତଲବକୁ ଆକ୍ରମଣ କରୁଛ ତେବେ ଅମେ କାର୍ଯ୍ୟରେ ଯାହା କରୁଛୁ ତାକୁ ଦେଖ ବିଚାରକର, ଅମେ ସେଥିପାଇଁ ପ୍ରସ୍ତୁତ ଅଛୁ । ଏ ବିଲ ବା ଆଇନ ବ୍ୟବସ୍ଥା ଅମର ସେ କାର୍ଯ୍ୟର ଅଗକୁ ବଢ଼ିବା ଭଲ ଚେଷ୍ଟା । ଏତେକାଳ ଅସାଧ ବାଧା ବିଘ୍ନ ଭିତରେ ଅମକୁ ଏ ଖସଡ଼ାକୁ ବାଗଣାଗ ଦେଇ ଗଢ଼ିବାକୁ ପଡ଼ିଛି । ବର୍ଷ ବର୍ଷ ସଙ୍ଗ୍ରାମ ରାଜନୈତିକ ବିକାଶର ଏ ଫଳ । ବିଭିନ୍ନ ସ୍ୱାର୍ଥ ସମ୍ପ୍ରଦାୟ ଓ ଦଳ ଭିତରେ ଏ ଖସଡ଼ାରେ ଏକତାକୁ ସମାନ ରୂପରେ ରଖାଯାଇଛି । ମୋର ଭାରତୀୟ-ମାନଙ୍କଠାରେ ଦାବୀ ଯେ ସେମାନେ ଅଭିଳାଷ ଏବଂ ଅଧିକ ଅଧିକ ସମ୍ମେଳନରେ ଅବହେଳା ଭଲ ବ୍ୟବସ୍ଥା କାମନା କରି ପାରନ୍ତି, କିନ୍ତୁ ଅମେ ଯେଉଁ ଭାବ ମନରେ ଧରି ଏ ଖସଡ଼ା ଦେଉଛୁ ତାକୁ ଥରେ ବିଚାର କରନ୍ତୁ ।

ସାର ହୋର ଘୋଷଣା କରି କହିଲେ ଯେ କଂଗ୍ରେସଦଳ ପାର୍ଲାମେଣ୍ଟ ଛଡ଼ା କୌଣସି ଅଧିକାର ଗ୍ରହଣ କରିବେ ନାହିଁ । ସେମାନେ ସଫା କହୁଛନ୍ତି ଯେ ଭାରତ ଲୋକଙ୍କ ଇଚ୍ଛା ଯେ ଏ ଖସଡ଼ା ଅନୁସାରେ ଚାହିଁବ ସେ ଗ୍ରହଣ କରିବେ । ମାତ୍ର ଅଧିକାଂଶ ପ୍ରାଦେଶିକ ବ୍ୟବସ୍ଥା ସଭା-ମାନଙ୍କରେ ଜଏଣ୍ଟ କମିଟି ରିପୋର୍ଟର ଆଲୋଚନା ହୋଇଗଲାଣି । ଏ ଆଲୋଚନା ମୋଟାମୋଟି ବେଶ ସୁବିଧାଜନକ ହୋଇଛି । ଏ ଆଲୋଚନାରୁ ପରିଷ୍କାର ଜଣାପଡ଼ିଛି ଯେ ପ୍ରାଦେଶିକ ରାଜନୀତିକମାନେ ଏ ଶାସନ ଖସଡ଼ାକୁ କାର୍ଯ୍ୟତଃ ବ୍ୟବହାର କରିବା ପାଇଁ ପ୍ରସ୍ତୁତ । ନଅ ରାଷ୍ଟ୍ରସଂଘ ବ୍ୟବସ୍ଥାରେ ଏହି ପ୍ରାଦେଶିକ ରାଜନୀତିକମାନଙ୍କ ଭିତ୍ତିରୁ ପ୍ରକାଶ ପାଇବ ।

ସେହିପରି ରାଜା ମହାରାଜାମାନେ ମୋଠାରୁ ନୁହେଁ, ସରକାରଙ୍କଠାରୁ ନୁହେଁ, ଅନ୍ୟ ଦଗରୁ ରୂପ ପାଇଥିବା ସତ୍ତ୍ୱେ ୪ ବର୍ଷ ପରେ ସେମାନେ ଯେ ଉଦାର ଦେଖାଇଥିଲେ ସେଥିରୁ ପଛଘୁଞ୍ଚା ଦେଉନାହାନ୍ତି । ସେମାନେ କହୁଛନ୍ତି ଯେ ଆଇନର ପୂର୍ଣ୍ଣ ରୂପ ଦେଖିଲେ ସେ ସମ୍ବନ୍ଧ କଥା କହିବେ । ଏହା ମଧ୍ୟ ଯଥାର୍ଥ । ଏହିସବୁ ବିଶେଷ ଲକ୍ଷଣ ଦେଖି ମୁଁ ନିର୍ଭର କରୁଛି ଯେ ଅମ ଆଇନ ନିଶ୍ଚୟ କାର୍ଯ୍ୟରେ ବ୍ୟବହୃତ ହେବ । ଭାରତରେ କୌଣସି ଶାସନ ଖସଡ଼ା ବିଷୟରେ ବର୍ତ୍ତମାନ କାଳେ ତୁମେ ଏକମତ ହୋଇ ପାରିବା ଭଲ ଅବସ୍ଥା ପାଇ ପାରିବ ନାହିଁ । ସମସ୍ତଙ୍କ ସ୍ୱତନ୍ତ୍ରମାନଙ୍କ ପାଇଁ ପାର୍ଲାମେଣ୍ଟ ଯଦି ଅପେକ୍ଷା କରନ୍ତ ତେବେ ଚିରକାଳ ଅପେକ୍ଷା କରିଥିବ । ଭାରତର ପ୍ରକୃତ ବିପତ୍ତି ବର୍ତ୍ତମାନ କଂଗ୍ରେସ ନୁହେଁ, କୁଶାସନ ନୁହେଁ ବା ସାମ୍ୟବାଦ ନୁହେଁ । ଦାୟିତ୍ୱହୀନତାହିଁ ବର୍ତ୍ତମାନର ବିପତ୍ତି । ଶାସନ କାର୍ଯ୍ୟରେ ଭାରତ ଅସେମ୍ବ୍ଲି ଯେତେବେଳ ପର୍ଯ୍ୟନ୍ତ ବାଧ୍ୟ ନ ହେଉଛି ସେତେବେଳ ପର୍ଯ୍ୟନ୍ତ ସେମାନଙ୍କର କେବଳ ଦାୟିତ୍ୱହୀନ ଦୋଷଦର୍ଶୀ ସମାଲୋଚନା ଓ ଅନେକ ସମୟରେ ସେମାନଙ୍କର ଅନାବଶ୍ୟକ ବାଧା ବିଘ୍ନକୁ ସହିବାକୁ ପଡ଼ିବ ।

ଇଂରେଜ ସାମ୍ରାଜ୍ୟର ଇତିହାସରୁ କଣ ଅମ୍ଭେମାନେ ଦେଖି ନ ଥାଉ ଯେ ଦାୟିତ୍ୱହୀନତାହିଁ ଅମର ଏ ମାତୃଭୂମି ସଙ୍ଗେ ଅମ ଅଧୀନସ୍ଥ ରାଜ୍ୟର ସମ୍ବନ୍ଧ ପ୍ରତିଷ୍ଠା ଦିଗରେ ପ୍ରକୃତ ବିପଦ ସୃଷ୍ଟି କରିଛି ? ଏହି ଦାୟିତ୍ୱହୀନତା ଏବଂ ତାହା ଫଳରେ ତାହା ସଙ୍ଗେ ସଙ୍ଗେ ଉତ୍ପନ୍ନ ରାଜ୍ୟର ପ୍ରସଙ୍ଗ ନେଇ ସାଗରର ଭିତ ୧୮ଶ ଶତାବ୍ଦୀରେ ଅମ ଆମେରିକା ଉପନିବେଶରେ ଯେ ଗଣ୍ଡଗୋଳ ଘଟିଲା ତାର ମୂଳ କାରଣରୂପେ କାର୍ଯ୍ୟ କରିଥିଲା ।

ସେ ପାର୍ଲାମେଣ୍ଟ ମେମ୍ବରମାନଙ୍କୁ କହିଲେ— ଅତୀତରେ ଯେପରି ଏକାଧିକ ବିରାଟ ସମସ୍ୟା-ମାନ ଦୃଢ଼ତା, ତତ୍ପରତା, ଅଥଚ କଟକଣା ଓ ସାବଧାନତାର ସହିତ ଧାର୍ଯ୍ୟ କରିଥାଇଁ ଏ ବ୍ୟବସ୍ଥାକୁ ସେହିଭଳି ଭାବରେ ଧାର୍ଯ୍ୟ କର ।

ଭାରତର ଅଧିକାର ମାନିଲେ ନାହିଁ
ମେଜର ଆଟ୍ଲିଙ୍କ ଆକ୍ରମଣ

ପାର୍ଲାମେଣ୍ଟ ଶ୍ରମଜୀବୀ ଦଳ ପକ୍ଷରୁ ମେଜର ଆଟ୍ଲି ସରକାରୀ ଆଇନ ପ୍ରସ୍ତାବ ବିରୁଦ୍ଧରେ ସଂଶୋଧନ ପ୍ରସ୍ତାବ ଆଣି କହିଲେ — ସାର ହୋର ଅତି ଚମତ୍କାର ପ୍ରାଞ୍ଜଳ ଏବଂ ଅବକାଶପୂର୍ଣ୍ଣ ବକ୍ତୃତା ଯେ ଦେଇଛନ୍ତି ସେଥିପାଇଁ ମୁଁ ତାଙ୍କୁ ଧନ୍ୟବାଦ ଦେଉଛି । କିନ୍ତୁ ମୁଁ ପଚାରେ ଯେ ଇଂରେଜ ସାମ୍ରାଜ୍ୟରେ ଭାରତର ସ୍ଥାନ କେଉଁଠାରେ ହେବ ସେ ବିଷୟରେ ସେ ଅମକୁ ଘୋଷଣାଟିଏ ନ ଦେଲେ କାହିଁକି ? ଭାରତର ଅଇନ ପ୍ରଚାର ହେବ ସେ ବିଷୟରେ ଏ ଆଇନ ଖସଡ଼ାରେ ପରିଷ୍କାର ଘୋଷଣା ନ ଦେଖି ଅଇନ ପେଶ କରିବା ବଡ଼ ଗୁରୁତର ପ୍ରମାଦ ହୋଇଛି । ଔପନିବେଶିକ ସ୍ୱତନ୍ତ୍ରତା ଚରମ ଲକ୍ଷ୍ୟ ବୋଲି କହିଦେଲେ ଯଥେଷ୍ଟ ହେବ ନାହିଁ । ଅମକୁ ସଫା ମାନିବାକୁ ହେବ ଯେ ଔପନିବେଶିକ ସ୍ୱାଧୀନତା ପାଇବା ଭାରତର ହକ୍, ଭାରତର ନିଜ ରାଜ୍ୟ ସମସ୍ୟା ଭାରତ ହାତରେ ଏବଂ ଦିଲ୍ଲୀରେ ହିଁ ଉଠିବ ଏକଥା ଅମକୁ ପରିଷ୍କାର ସ୍ୱୀକାର କରିବାକୁ ହେବ । କିନ୍ତୁ ଏ ସ୍ୱୀକାର ରାଣୀ ସାଇମୋନଙ୍କ ଘୋଷଣାରେ ନାହିଁ ବା ଅନ୍ୟ କୁହାପି ନାହିଁ । ଅମ ଶ୍ରମଜୀବୀ ଦଳ କହୁଛି ଯେ ଭାରତର ସ୍ୱତନ୍ତ୍ର ଶାସନ ପାଇବାର ଅଧିକାର ଅଛି । ଯେତେ ଲୋକେ ଯେଉଁ ଖସଡ଼ାକୁ ଗ୍ରହଣ କରୁନାହାନ୍ତି ତାହା କାର୍ଯ୍ୟକାରୀ ହୋଇ ପାରିବନାହିଁ ବୋଲି ଅମେ ସମ୍ପୂର୍ଣ୍ଣ ସ୍ୱୀକାର କରୁଛୁ । ଏ ଖସଡ଼ାକୁ କେତେକେତେ ଗ୍ରହଣ କରିବେ ବୋଲି କହିବା ଅନର୍ଥକ । ଯେଉଁ ଅଇନ ବ୍ୟବସ୍ଥା ଭାରତ ଲୋକଙ୍କ ସଦ୍ଭାବ, ସହଯୋଗ ଓ ସ୍ୱୀକୃତି ପାଉନାହିଁ ସେ ଅଇନ ଭଲରେ ସୁଶାସନ କରିବା ବୋଲି କଦାପି କୁହାଯାଇ ନ ପାରେ । ତେଣୁ ଏ ପ୍ରସ୍ତାବିତ ଅଇନକୁ ପାର୍ଲାମେଣ୍ଟ ସମର୍ଥନ କରିବା କଦାପି ଉଚିତ ନୁହେଁ । ଏ ବିଲରେ ଏଭଳି କୌଣସି ବ୍ୟବସ୍ଥା ନାହିଁ ଯାହା ଫଳରେ ଔପନିବେଶିକ ସ୍ୱାଧୀନତା ଭାରତ ଲୋକେ ଲାଭ କରିପାରିବେ । ଏ ଅଇନରେ ସେଥିପାଇଁ ଆଗ ବାଟ ବନ୍ଦ କରିଦିଆ ହେଉଛି, ଏ ବିଲରେ ତୁମେ ଯେ ବ୍ୟବସ୍ଥା କରୁଛ ସେଥିରେ ଅବିଶ୍ୱାସ ଓ ଘାଟ ଶତ ପଦେ ପଦେ ପଡ଼ି ରହିଛି । ତୁମେ ଦେଶୀ ରାଜ୍ୟର ରାଜା ମହାରାଜାମାନଙ୍କୁ ଅଧିକାର ଦେଉଛ ସେମାନେ ଇଚ୍ଛାକଲେ ସ୍ୱାଧୀନ ବ୍ୟବସ୍ଥା ଗ୍ରହଣ କରିବେ, ନଚେତ୍ ଅଗ୍ରାହ୍ୟ କରିବେ । କିନ୍ତୁ ଖାସ ଅଞ୍ଚଳ ପ୍ରଦେଶମାନଙ୍କୁ ସେଭଳି ସୁଯୋଗ ଦେଉନାହଁ । ତୁମେ ବଡ଼ଲାଟଙ୍କ ହାତରେ ଏମନ୍ତ କ୍ଷମତା ଦେଉଛ ଯେ ବଡ଼ଲାଟ ଯଦି ଅପଣା ବିଚାର ବଳ ପରମ୍ପରା ବ୍ୟବସ୍ଥା ହେଲେ ବଡ଼ଲାଟ ସେଥିରେ ବାଧା ଦେଇ ପାରିବେ । କିନ୍ତୁ ସେଭଳି ବିଚାର ଯଦି ଭାରତୀୟଙ୍କ ହିତ ବିରୁଦ୍ଧରେ ହୁଏ ତେବେ ତାର ପ୍ରତିକାର କରିବାର କ୍ଷମତା ତ କାହାର ହାତରେ ରହୁନାହିଁ । ତୁମେ କହୁଛ କି ଅମ ଇଂଲଣ୍ଡ ଭାରତ ରକ୍ଷାପାଇଁ ସାହାଯ୍ୟ କରୁଛି, ତେଣୁ ଭାରତର ବୈଦେଶିକ ନୀତିରେ ଇଂଲଣ୍ଡର କର୍ତ୍ତୃତ୍ୱ ରହିବ । କିନ୍ତୁ ଭାରତ ତ ପୁଣି ଇଂରେଜ ରାଜ୍ୟ ରକ୍ଷା ପାଇଁ ଧନଜନ ସାହାଯ୍ୟ କରୁଛି । ତେବେ ଇଂଲଣ୍ଡର ବୈଦେଶିକ ନୀତିରେ ଭାରତର କର୍ତ୍ତୃତ୍ୱ କାହିଁକି ନ ରହିବ ?

ତୁମେ ବ୍ୟବସ୍ଥା କରିଛ ଯେ ଏ ଶାସନ ଖସଡ଼ା ୧୦ ବର୍ଷ କାଏମ ହେଲା ପରେ ଭାରତ ଲୋକେ ପରିବର୍ତ୍ତନ ପାଇଁ ଦାବୀ ଉପସ୍ଥାପିତ କରିପାରିବେ । କିନ୍ତୁ ତୁମପାଇଁ ବ୍ୟବସ୍ଥା କରିଛ ଯେ ଇଂଲଣ୍ଡ ଯେତେବେଳେ ଚାହିଁବ ସେତେବେଳେ ଏ ଅଇନ ବଦଳ କରି ପାରିବ । ଏପରି ଅବସ୍ଥାରେ ଯଦି ଭାରତୀୟ ଲୋକେ କହନ୍ତି ଯେ ତୁମେ ତୁମସଙ୍ଗେ ଭାରତଲୋକଙ୍କୁ ସମାନ ଜ୍ଞାନ କରୁନାହିଁ ତେବେ ସେଥିରେ ବିସ୍ମିତ ହେବାର କିଛି ନାହିଁ । ତୁମର ଏଭଳି ଲୁଚ ଘର ଭାବ ବିଲର ପ୍ରତି ସ୍ତରେ ସ୍ତରେ ପୂର ରହିଛି ।

ହଁ, ଅମ ଶ୍ରମିକ ଦଳ ମଧ୍ୟ ବିଶ୍ୱାସ କରୁଛୁ ଯେ ଅମେ ଇଂରେଜମାନେ ଭାରତରେ ବେଶ ଭଲ କାମ କରୁଥାଉଁ । ମାତ୍ର ବହୁତ ବହୁତ ଅପକର୍ମ ମଧ୍ୟ କରୁଥାଉଁ । ଗୋଟିଏ ଅତି ଗୁରୁତର କଥା ହେଉଛି ଯେ ଭାରତୀୟ ଲୋକଙ୍କୁ ଦାୟିତ୍ୱଜ୍ଞାନ କରି ପଢ଼ାଉଥାଉଁ । ଲୋକଙ୍କୁ ଦାୟିତ୍ୱ ନ ଦେଲେ ସେ ଦାୟିତ୍ୱ ବିଷୟରେ ଶିକ୍ଷା ପାଇବେ କିପରି ? ଏ ପ୍ରସ୍ତାବିତ ଅଇନରେ ଭାରତୀୟ ଲୋକଙ୍କୁ ସେଭଳି ଦାୟିତ୍ୱ ଦିଆ ଯାଉନାହିଁ, ସୁତରାଂ ଅମେ ଶ୍ରମିକଦଳ ଏହା ବିରୁଦ୍ଧରେ ନିଶ୍ଚୟ ମତ ଦେବୁ ।

— —

ସରକାର ଉପରେ ପୁଣି ଚଢ଼ାଉ ପ୍ରସ୍ତାବ
ଭାରତ ଇଂଲଣ୍ଡ ବାଣିଜ୍ୟ ଚୁକ୍ତି କାହିଁକି କାଏମ ରଖାଯିବ

ଦିଲ୍ଲୀ, ତା ୮।୨।୩୫

ଜିନା ସ୍ୱାଧୀନଦଳର ମେମ୍ବର ଶ୍ରୀଯୁକ୍ତ ଭଞ୍ଜିମ୍ବାଲିଅ ଗୋଟିଏ ଓରଫ ଲକ୍ଷ୍ୟ ଗୋଟିଏ ଅସେମ୍ବ୍ଲିରେ ସରକାର ଉପରେ ନିନ୍ଦାବାଦ ଘୋଷଣା କରିବା ପାଇଁ ଏକ ମୁଲତବି ପ୍ରସ୍ତାବ ଆଣିଛନ୍ତି । ଭାରତ ଇଂଲଣ୍ଡ ବାଣିଜ୍ୟ ଚୁକ୍ତି ବିଷୟରେ ଅସେମ୍ବ୍ଲି ଯେ ପ୍ରସ୍ତାବ ମଞ୍ଜୁର କଲେ ତାକୁ ସରକାର କାର୍ଯ୍ୟରେ ପରିଣତ ନ କରିବା ହେତୁ ସେ ଏ ନିନ୍ଦାବାଦ ପ୍ରସ୍ତାବ ଆଣୁଛନ୍ତି । ଅସେମ୍ବ୍ଲି ମତ ଗ୍ରହଣ ହେଉ ନାହିଁ ବୋଲି ସାର ହୋର ପାର୍ଲାମେଣ୍ଟରେ ଘୋଷଣା କରିବା ଫଳରେ ଏ ପ୍ରସ୍ତାବ ଆଗତ କରାଯାଇଛି ।

— —

ମୋତିଲାଲଙ୍କ ସ୍ମୃତି ପୂଜା

ଏଲାହାବାଦ, ତା ୭।୨।୩୫

ମୋତିଲାଲଙ୍କ ସ୍ମୃତିପୂଜା ଉଦ୍ଦେଶ୍ୟରେ ଏଠାରେ ଏକ ସଭା ହୋଇଥିଲା । ସେଥିରେ କଂଗ୍ରେସ ସେକ୍ରେଟେରୀ ଆଚାର୍ଯ୍ୟ କୃପାଲାନୀ ବକ୍ତୃତା ଦେଇ କହିଲେ — "ସ୍ୱର୍ଗୀୟ ମୋତିଲାଲ ଜୀବନ ଉପଭୋଗ କରିବାକୁ ଜାଣି ତାହା ମଧ୍ୟ ଜାଣିଥିଲେ ଏବଂ ଜୀବନ ତ୍ୟାଗ କରିବାକୁ ଜାଣି ତାହା ମଧ୍ୟ ଜାଣିଥିଲେ । ସେ ଜୀବନ ବଞ୍ଚିବାକୁ ଜାଣି ଏବଂ ଜୀବନ ମରିବାକୁ ଜାଣି ତାହା ମଧ୍ୟ ଜାଣିଥିଲେ ।"

ଶ୍ରୀଯୁକ୍ତ ପୁରୁଷୋତ୍ତମ ଦାସ ଟାଣ୍ଡନ ସ୍ୱର୍ଗୀୟ ମୋତିଲାଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ପଣ୍ଡିତ ମୋତିଲାଲ ତାଙ୍କୁ କହିଥିଲେ କି ସେ ପୃଥିବୀର ଅନେକ ରାଜ୍ୟ ବୁଲିଲେଣି ଏବଂ ଅନେକ ବଡ଼ ବଡ଼ ଲୋକଙ୍କୁ ଦେଖି ଅଛିଲେଣି, କିନ୍ତୁ କୌଣସି-ଠାରେ ସେ ଗାନ୍ଧୀଙ୍କଠାରୁ ଅଧିକ ଜ୍ଞାନ ଏବଂ ଅଧିକ ତ୍ୟାଗ ଦେଖି ନାହାନ୍ତି । ମୋତିଲାଲଙ୍କର ଏହିଭଳି ଅଗାଧ ବିଶ୍ୱାସ ଥିଲା । ଟାଣ୍ଡନଜୀ କହିଲେ — ମୋତେ ସ୍ୱର୍ଗୀୟ ମୋତିଲାଲ ଥରେ କହିଥିଲେ ଯେ ଲଙ୍ଗୁଳି-ଗାନ୍ଧୀଙ୍କ ପାଖେ ବସିଲାବେଳେ ସେ ନିଜଠାରୁ ସେହି ଲଙ୍ଗୁଳିଆଙ୍କୁ ଖୁବ୍ ମହତ୍ତର ବୋଲି ଜ୍ଞାନ କରୁଥିଲେ ।

ଟାଣ୍ଡନଜୀ କହିଲେ ଯେ ରୋଗଶଯ୍ୟାରେ ପଡ଼ି ମଧ୍ୟ ମୋତିଲାଲଙ୍କ ସ୍ୱଦେଶ ପ୍ରୀତି, ପ୍ରତ୍ୟେକ କଥାରେ ମହତ୍ତ୍ୱ ଦେଖାଉଥିଲେ ଏବଂ କଂଗ୍ରେସ ଲୋକଙ୍କୁ ବଳ ନ ଛିଡ଼ା ପାଇଁ ସବୁବେଳେ ଉପଦେଶ ଦେଉଥିଲେ ।

— —